# ନୂଆ ରୂପରେ କୋଭିଡ଼

# ଓ

# ଆମର ସତର୍କତା

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

## ଶୁଣ ଭାଇ ଶୁଣ! ... ବେଳହୁଁ ସାବଧାନ !

ମାତ୍ର ବର୍ଷକ ତଳର କଥା ଟିକେ ମନେ ପକାଅ !ଏତେ ସହଜ ଭୁଲିଗଲ ? ଚାରିଆଡେ କୋକୁଆ ଭୟ ଖେଳୁଥିଲା । କରୋନା ଭୟରେ ତାଟି କବାଟ ଫିଟୁ ନଥିଲା । ହୋଲି, ରଜ ,ଦଶହରା, ମହରମ ,ବଡଦିନ , ସବୁ ଫାଙ୍କା । ଏପରିକି ମହାପ୍ରଭୁ ଜଗନ୍ନାଥ ଏକା ଏକା ବଡ ଦାଣ୍ଡରେ ଯାତ କଲେ । ଆମେ ସିନା ସେ ସବୁଥିରେ ସାମିଲ ହୋଇ ନପାରି ମନ ଦୁଃଖରେ ରହିଲେ , ହେଲେ ପରୋକ୍ଷରେ ତାହା ବରଦାନ ହେଲା । କରୋନା କଟକଣା ମାନି ଥିବାରୁ ସବୁ ରାଜ୍ୟ ଅପେକ୍ଷା ଆଗ ଓଡ଼ିଶାରୁ କରୋନା ହଟିବା ଆରମ୍ଭ କଲା । ଦେଶ, ବିଦେଶ , ସବୁଠାରେ ଆମ ରାଜ୍ୟର ପ୍ରଶଂସା । ଅନ୍ୟମାନେ ଆମ କଥାକୁ ଅନୁ କରଣ କଲେ । ହେଲେ ଆମେ ଢିଲା ହୋଇ ଗଲେ ।

ଏବେ କରୋନା ଚାଲାଖ ହୋଇ ଗଲାଣି । ନୂଆ ନୂଆ ରୂପରେ ଲୁଚି ଛପି ତା କରାମତି ଦେଖାଇବା ଆରମ୍ଭ କଲାଣି । କେରଳ , ମହାରାଷ୍ଟ୍ର, ଛତିଶଗଡ଼ , ମଧ୍ୟ ପ୍ରଦେଶ, ପଞ୍ଜାବ , ହରିୟାନା ପ୍ରଭୃତି ରାଜ୍ୟରେ ଉପର ମୁହାଁ ହେଲାଣି। ଆମ ରାଜ୍ୟକୁ ଏ ସବୁ ରାଜ୍ୟରୁ ପ୍ରତିଦିନ ସହ ସହ ଲୋକ ଯିବା ଆସିବା କରନ୍ତି । ତେଣୁ ଆମ ପାଇଁ ବିପଦ ରହିଛି । ଆମେ ବେଳହୁଁ ସାବଧାନ ନହେଲେ ନେଡି ଗୁଡ ପୁଣି କହୁଣିକୁ ବୋହିଯିବ ।

ଟୀକା ଦାନ ଚାଲିଛି। ଆମ ଦେଶର ଟୀକା ନେଇ ଆମେ ଗର୍ବିତ। ସରକାରଙ୍କ ବ୍ୟବସ୍ଥା ଅନୁସାରେ ଯେଉଁମାନଙ୍କୁ ଯେତେବେଳେ ଟୀକା ଦିଆ ଯିବାର ବ୍ୟବସ୍ଥା ହୋଇଛି , ସେହି ଅନୁସାରେ ଟୀକା ନେଇଯିବା ଉଚିତ। ତରବର ନାହିଁ , କି ଅମଙ୍ଗ ହେବାର ନାହିଁ ।

ହଁ !ମନେ ରଖ ! ହାତ ଧୁଆ , ମାସ୍କ ପିନ୍ଧା , ମେଳା ମଉଛବରେ ପରସ୍ପର ଭିତରେ ଛଅ ଫୁଟ ଦୂରତା ରକ୍ଷା , ଏସବୁ କଥା ଯେପରି ଭୁଲି ନଯାଅ । ସବୁ କଥା ମାନି ଚଳିଲେ ଆଉ ଭୟ ରହିବ ନାହିଁ ।

**-ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ , ଓଡ଼ିଶା ସରକାର –**

## କରୋନାର ନୂଆ ରୂପ :

- ଆମେ ଜାଣୁ  ଯେ ଭୂତାଣୁ ଟିଏ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ଜଞ୍ଜିର ଭଳି ଖଞ୍ଜି ହୋଇ ଥିବା କେତେଗୁଡିଏ ପ୍ରୋଟିନ ଖଣ୍ଡର ସମାହାର ।
- ଜୀବାଣୁ ପରି ଏହା ଏକ ପୂର୍ଣ୍ଣାଙ୍ଗ  ଜୀବ ନୁହେଁ ।
- ବରଂ ଏହା ଏକ ଛାଞ୍ଚ ଭଳି କାମକରି , ମଣିଷ କିମ୍ବା ଅନ୍ୟ ଜୀବର  ଜୀବକୋଷରେ ହେଉଥିବା ପ୍ରୋଟିନ ତିଆରି କାରଖାନାକୁ ଗୋଳମାଳିଆ କରିଦିଏ ଓ   ନିଜଭଳି ପ୍ରୋଟିନ ତିଆରି କରିବାକୁ ବାଧ କରେ ।
- ତେଣୁ ଆମର ଜୀବକୋଷ ନଷ୍ଟ ହୋଇ  ଅଙ୍ଗ ପ୍ରତ୍ୟଙ୍ଗ ସବୁ ଅକାମୀ  ହେବାକୁ ଲାଗେ ।
- ଭୂତାଣୁକୁ ମାରିବାକୁ ଔଷଧ କିମ୍ବା ଟୀକା ଏପରି ତିଆରି କରାଯାଏ, ଯେପରି ତାଲା ପାଇଁ ଠିକ ଖାପ ଖାଉଥିବା ଚାବି ।
- ଯେତେବେଳେ ଭୂତାଣୁ କୌଣସି ପ୍ରତିକୂଳ  ପରିବେଶ ମଧରେ ପଡ଼ିଯାଏ , ସେତେବେଳେ ନିଜକୁ ରକ୍ଷା କରିବାକୁ ରୂପ ବଦଳାଏ ।
- ଏବେ କରୋନା ତାହାହିଁ କରୁଛି ।
- ହେଲେ ସେ ଡାଳେ ଡାଳେ  ଗଲେ ଆମେ ପତ୍ରେ ପତ୍ରେ  ଯିବା ।
- ତା'ର ସବୁ ରୂପକୁ ଚିହ୍ନି ପ୍ରତିରୋଧ ବ୍ୟବସ୍ଥା କରିବା ।
- ମୂଳୁ ମାରିଲେ ଯିବ ସରି । କରୋନା କଟକଣାର ସୁରକ୍ଷା ବଳୟ  ଭିତରେ ରହିବା , ଟୀକା ନେବା । କରୋନା ହଟିବ , ଆମେ ଜିତିବା ।

## ନୂଆ ରୂପର  ନୂଆ ଲକ୍ଷଣ :

- ଦେହ ହାତ ଅବଶ ଲାଗିବା
- ଭୋକ ନହେବା
- ମୁଣ୍ଡ ବିନ୍ଧା , ଦେହ ହାତ ସାମାନ୍ୟରୁ ମଧମ ଘୋଳା ବିନ୍ଧା
- ପତଳା ଝାଡା   ଦିନକୁ ୪-୫ ଥର ହେବା
- ଚର୍ମ  ରୋଗ ନୂଆ କରି ଦେଖାଦେବା , ଚର୍ମ କୁଣ୍ଡାଇ ହୋଇ   ଲାଲ କିମ୍ବା ନୀଳ ପଡିବା
- ଗଳା  ଦରଜ ହେବା , ନାକ ଚୁଣ୍ଟି ହେବା
- ସାମାନ୍ୟ  କାଶ ହେବା ସହ ଛାତିରେ ସାମାନ୍ୟ  ଯନ୍ତ୍ରଣା  ହେବା

## କାହିଁକି  ନୂଆ ରୂପର କରୋନା ପ୍ରତି ଅଧିକ ସତର୍କତା ଆବଶ୍ୟକ ?

- କରୋନାର ଏହି ନୂଆ ପ୍ରଜାତି  ଅଧିକ ସଂକ୍ରାମକ
- ଏହା ଶୁଖିଲା ବସ୍ତୁ ଉପରେ ପ୍ରାୟ ୮ ଦିନ ପର୍ଯ୍ୟନ୍ତ ସକ୍ରିୟ ରହି ପାରେ
- ପୂର୍ବ ଅପେକ୍ଷା ଏହା ଅଧିକ ସହଜରେ ଦେହରେ ପ୍ରବେଶ କରିପାରେ
- କେତେକ ନୂଆ ପ୍ରଜାତି ପୂର୍ବ ଅପେକ୍ଷା ଅଧିକ ଭୟଙ୍କର ଓ ନିୟନ୍ତ୍ରଣ କରିବା କଷ୍ଟ।
- ଆମ ଦେଶରେ ମଧ ବ୍ରିଟେନ , ଦକ୍ଷିଣ ଆଫ୍ରିକା ଓ ବ୍ରାଜିଲ କରୋନା ଭୂତାଣୁ ପ୍ରଜାତି ଚିହ୍ନଟ ହୋଇ ସାରିଲାଣି ।
- ପ୍ରାୟ ଏକ ବର୍ଷ ଧରି ଲକ୍ ଡାଉନ୍ ଓ ସଟ୍ ଡାଉନ୍ ମଧରେ ରହି ଅଧିକାଂଶ  ଲୋକ ଜୀବନ ଜୀବିକା ହରାଇ ଘୋର ଆର୍ଥିକ ସଙ୍କଟ ମଧରେ ଅଛନ୍ତି । ତେଣୁ ପୁଣି ସେହି ଅବସ୍ଥା ଫେରିଲେ ଅବସ୍ଥା ଆହୁରି ଖରାପ ହେବ ।
- ସ୍କୁଲ କଲେଜ ପିଲାଙ୍କର ପାଠପଢା ଓ ପରୀକ୍ଷା ଆଦିରେ ଘୋର ଅବ୍ୟବସ୍ଥା ସୃଷ୍ଟି ହେବ  ।

## କି କି ବିଶେଷ ସାବଧାନତା ଅବଲମ୍ବନ କରିବା ?

- ଯେଉଁ ମୌଳିକ କୋଭିଡ଼ ନିରୋଧୀ ଆଚରଣ ( ହାତ ଧୁଆ , ଠିକ ଭାବେ ମାସ୍କ ପିନ୍ଧିବା ଏବଂ ଶାରୀରିକ ଦୂରତା ରକ୍ଷା କରିବା ) ଆମକୁ ଏପର୍ଯ୍ୟନ୍ତ ବିନା ଟୀକାରେ ବଞ୍ଚାଇ ରଖିବାରେ ସମର୍ଥ ହୋଇ ପାରିଲା ସେହି ଆଚରଣକୁ ଅଧିକ ନିଷ୍ଠାର ସହ ପାଳନ କରିବା
- ଯେଉଁମାନେ ଏହି ନିୟମ ପାଳନ କରୁ ନାହାନ୍ତି ସେମାନଙ୍କୁ ବୁଝାଇ ନିୟମ ପାଳନ କରିବାକୁ ଅନୁପ୍ରେରିତ କରିବା
- ସରକାରଙ୍କ ନିର୍ଦ୍ଧାରିତ ସାରଣୀ ଅନୁସାରେ କୋଭିଡ଼ ଟୀକା ନିଶ୍ଚିତ ନେବା
- ଜନସମାଗମକୁ ସରକାର କୋହଳ କରିଥିଲେ ମଧ ଆମେ ଆମ ତରଫରୁ ଜନସମାଗମ ଠାରୁ ଦୂରେଇ ରହିବା .
- ସ୍କୁଲ , କଲେଜ , ମନ୍ଦିର, ବଜାର ଆଦିରେ କୋଭିଡ଼ ନିୟମ ଯେପରି ଭଙ୍ଗ ନହୁଏ ତାହାକୁ ଆମର ସାମ୍ବିଧାନିକ ଓ ମାନବିକ ଦାୟିତ୍ୱ  ରୂପେ ଗ୍ରହଣ କରିବା ।
- ବାହାର ରାଜ୍ୟରୁ ଫେରିବା ବ୍ୟକ୍ତି ନିଜକୁ ଗୃହ ପୃଥକ ବାସରେ  ୭ ଦିନ ନିହାତି ରଖିବେ ।
- ସନ୍ଦିଗ୍ଧ ଲକ୍ଷଣ ଥିବା ବ୍ୟକ୍ତି ତୁରନ୍ତ କୋଭିଡ଼ ପରୀକ୍ଷା କରାଇବେ ।

## ଟୀକାଦାନ ବ୍ୟବସ୍ଥା :

- ଆମ ରାଜ୍ୟରେ ସମସ୍ତ ସମ୍ମୁଖ କରୋନା ସଂଗ୍ରାମିଙ୍କୁ କୋଭିଡ୍ ଟୀକାଦାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମାର୍ଚ୍ଚ ୧ ତାରିଖରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତ ବ୍ୟକ୍ତି ଏବଂ ବହୁବିଧ ଅଣ ସଂକ୍ରାମକ ରୋଗ ଥିବା ୪୫-୬୦ ବର୍ଷର ବ୍ୟକ୍ତିଙ୍କୁ (ଡାକ୍ତରୀ ପ୍ରମାଣପତ୍ର ଥାଇ) ଏହି ଟୀକା ଦିଆଯିବ ।
- ଟୀକା ନେବାକୁ ପୂର୍ବରୁ ନିଜ ମୋବାଇଲ ଫୋନ ରେ କୋ-ୱିନ-୨.୦ ଆପ୍ ଡାଉନ ଲୋଡ କରି ରେଜିଷ୍ଟ୍ରେଶନ କରିବାକୁ ହେବ କିମ୍ବା (ଆଧାର କାର୍ଡ ) ଦେଖାଇ ସ୍ପଟ୍ ରେଜିଷ୍ଟ୍ରେସନ ମଧ୍ୟ କରାଯାଇ ପାରିବ ।
- ବିନା ରେଜିଷ୍ଟ୍ରେସନ ରେ ଟୀକାଦାନ ସମ୍ଭବ ନୁହେଁ ।
- କୋଭିଡ୍‌ରୁ ମୁକ୍ତ ହୋଇଥିବା ବ୍ୟକ୍ତି ଅନ୍ତତଃ ୪ ସପ୍ତାହ ପରେ ଟୀକା ନେଇପାରିବେ ଓ ଏହା ଜରୁରୀ । ମାତ୍ର ସେମାନେ ଉପରୋକ୍ତ ବୟସ ସୀମା ମଧ୍ୟରେ ଥିବେ ।
- ସମସ୍ତ ସରକାରୀ ଡାକ୍ତର ଖାନା ସମେତ ରାଜ୍ୟର ୧୮୩ ଟି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସଂଯୁକ୍ତ ଘରୋଇ ଡାକ୍ତରଖାନାରେ ଏହି ଟୀକା ଦିଆ ଯିବ ।
- ହିତାଧିକାରୀ କେଉଁଠାରେ ଟୀକା ନେବେ ସେ ନିର୍ଦ୍ଧାରଣ କରିବେ ଓ ସେହି ଅନୁସାରେ ପଞ୍ଜୀକରଣ କରିବେ ।
- ଘରୋଇ ଚିକିତ୍ସାଳୟରେ କିନ୍ତୁ ଟୀକାର ମୂଲ୍ୟ ୧୫୦ ଟଙ୍କା ଓ ସର୍ଭିସ ଚାର୍ଜ୧୦୦ ଟଙ୍କା , ଏହିପରି ମୋଟ ୨୫୦ ଟଙ୍କା ଦେବାକୁ ପଡିବ ।
- ସବୁ ଟୀକାଭଳି ଏହାର ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଖୁବ ଅଳ୍ପ ଲୋକଙ୍କ ମଧ୍ୟରେ ଦେଖାଯାଇ ପାରେ । ଏହାର ମୁକାବିଲା ପାଇଁ ବ୍ୟବସ୍ଥା କରା ଯାଇଛି । ତେଣୁ ଭୟର କାରଣ ନାହିଁ ।
- ଟୀକା ନେବାପରେ ଅଧଘଣ୍ଟା ବସି , ତାପରେ ଘରକୁ ଯିବା ନିୟମ ରହିଛି ।

-୦-